# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

## ଯିରିମୟ, ବିଷାଦ ମନୁଷ୍ୟ



ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯିରିମୟ ଯିହୁଦା ପ୍ରଦେଶରେ ଏକ ଧର୍ମୀୟ
ପରିବାରରେ ଜନ୍ମ ଗ୍ରହଣ କରିଥିଲେ ।
ତାଙ୍କର ପିତା ହିଲକିଅ ଯାଜକ  ଥାଲେ ।
ତାଙ୍କ ପରିବାର ଅନାଥୋତ୍ ନମକ
ନଗରରେ ବାସ କଲା । ତାହା ଯିରୁଶାଲମର
ନିକଟତର ଥିଲା । ହୋଇପାରେ ଯିରିମୟଙ୍କ
ପିତାମାତା ମନେକଲେ ଯେ ଯିରିମୟ ମଧ୍ୟ
ଯାଜକ ହେବେ । ମାତ୍ର ପରମେଶ୍ୱରଙ୍କ ଇଚ୍ଛା
କିଛି ଅନ୍ୟପ୍ରକାରର ଥିଲା ।





ଯିରିମୟଙ୍କ ଜନ୍ମ ସମୟରେ,
ପରମ୍ଶ୍ୱରଙ୍କ ଲୋକମାନେ
ସଦାପ୍ରଭୁଙ୍କ ବାକ୍ୟାନୁସାରେ ଜୀବନ
ଯାପନ କରୁ ନଥିଲେ । ରାଜାଠାରୁ
ପ୍ରଜା ପର୍ଯ୍ୟନ୍ତ ପ୍ରାୟ ସମସ୍ତେ,
ସଦାପ୍ରଭୁଙ୍କ ପବିତ୍ର ମନ୍ଦିରରେ ଶୂଧା
ବାଲ୍ ଦେବଗଣର
ଉପାସନା କଲେ ।

ଯେତେବେଳେ

ଯିରିମିୟ ଯୁବକ

ଥିଲେ, ସଦାପ୍ରଭୁ

ତାହାଙ୍କୁ କଥା

କହିଲେ, ତୁମ୍ଭ

ଭୂମିଷ୍ଠ ହେବା

ଆଗରୁ ଆମ୍ଭେ ତୁମ୍ଭକୁ

ଜାଣୁ, ପୁଣି ତୁମ୍ଭକୁ ନାନା



ଦେଶିୟମାନଙ୍କ ନିକଟରେ ଭବିଷ୍ୟଦବକ୍ତାକରି ନିଯୁକ୍ତ

କରିଅଛୁ, ଯେପରି ତୁମ୍ଭେ ମୋ ଶକାସେ କଥା କହିବ ।

ସଦାପ୍ରଭୁଙ୍କ ଆହ୍ୱାନ ଯିରିମିୟଙ୍କୁ ଭୟଭିତ କଲା । ହାୟ ହାୟ ସଦାପ୍ରଭୁ, ଦେଖ ମୁଁ କଥା କହି ଜାଣେ ନାହିଁ, କାରଣ ମୁଁ ତ ବାଳକ । ସେ ବାଳକଠାରୁ ବଡ଼ ଥିଲେ, ତାଙ୍କର ବୟସ କୋଡ଼ିଏ ବର୍ଷ ଥିଲା । କିନ୍ତୁ



ଯିରିମିୟ ତାଙ୍କ ଚାରିପଟେ ଯେଉଁ ଦୁଷ୍ଟତାରେ ଭରା ସମାଜ ଥିଲା ତାହା ବିରୁଦ୍ଧରେ ସେ କହିପାରିବେ ନାହିଁ ବୋଲି ଭାବିଲେ ।



ଭୟ କରନାହିଁ, ସଦାପ୍ରଭୁ ଯିରିମିୟଙ୍କୁ ଆଶ୍ୱାସନା
ଦେଲେ । ଆମ୍ଭେ ତୁମ୍ଭକୁ ଯାହା
ନିକଟକୁ ପଠାଇବା
ତୁମ୍ଭେ ତାହା

ନିକଟକୁ ଯିବ,
ପୁଣି ଆମ୍ଭେ ତୁମ୍ଭକୁ
ଯାହା ଆଜ୍ଞା କରିବା
ତୁମ୍ଭେ ତାହ କହିବ ।

ଆମ୍ଭେ ତୁମ୍ଭ ସଂଙ୍ଗରେ ଅଛୁ ଏବଂ ତୁମ୍ଭକୁ ଉଦ୍ଧାର
କରିବା । ତାହାପରେ
ସଦାପ୍ରଭୁ ବିଶେଷ
କିଛି କଲେ ।



ସଦାପ୍ରଭୁ
ତାହର ମୁଖ ସ୍ପର୍ଶ କଲେ ।

ସଦାପ୍ରଭୁ ଯିରିମିୟଙ୍କୁ ସବଳ ଏବଂ ସାହାସ ଏବଂ ଜ୍ଞାନ ଦେଲେ । ପୁଣି ସେ ନିରଭୟରେ, ସଦାପ୍ରଭୁ ଯେ ସେମାନଙ୍କୁ ପ୍ରେମ କରନ୍ତି ଓ ସେମାନଙ୍କୁ ସାହାଯ୍ୟ କରିବକୁ ଇଛା କରନ୍ତି ତାହା ଜଣାଇଲେ । ମାତ୍ର କେହି ତାଙ୍କ କଥାରେ କର୍ଣ୍ଣପାତ କଲେନାହିଁ । ଏପରିକି ରାଜାମଧ୍ୟ ଶୁଣିଲେ ନାହିଁ ।



ଏପରିକି ଯାଜକମାନେ ତାଙ୍କ ଉପରେ ବିରକ୍ତ ହୋଇ କ୍ରୋଧ କଲେ ଓ ସଦାପ୍ରଭୁଙ୍କ ବିଷୟରେ ସେମାନଙ୍କୁ ନ କହି ଚୁପ୍ ରହିବାକୁ କହିଲେ ।



ସେଠାରେ କେତକ ମିଥ୍ୟା ଭାବବାଦୀମାନେ ଥିଲେ ଯେଉଁମାନେ ଯିରିମିୟ ସତ୍ୟ କହୁ ନାହାନ୍ତି ବୋଲି ଅଭିଯୁକ୍ତ କଲେ ।

ଯିରିମିୟ ଲୋକମାନଙ୍କୁ ପ୍ରାୟ ଏକଶତ ବର୍ଷ ପୂର୍ବରୁ ମନେ ପକାଇଦେଲେ ଓ କହିଲେ, ଉତ୍ତରରେ ଥିବା ଇସ୍ରାଏଲ୍ ପ୍ରଦେଶ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛନ୍ତି । ତେଣୁ ସେମାନଙ୍କର ଶତ୍ରୁ ଅଶୂରର ରାଜା ଦେଶର ପ୍ରତିକୂଳରେ ଆସି ପରାସ୍ତ କଲେ ଓ ସମସ୍ତ ଇସ୍ରାଏଲ ବାସିଙ୍କୁ ସୁଦୂର ଦେଶକୁ ଦାସତ୍ୱରେ ଘେନିଗଲେ ।





ବର୍ତ୍ତମାନ, ଯିହୁଦା ପ୍ରଦେଶର ଲୋକ,

ଯାହା ଦକ୍ଷିଣରେ
ଅବସ୍ଥିତ ଥିଲା, ସେମାନେ ମଧ୍ୟ ସଦାପ୍ରଭୁଙ୍କୁ
ପରିତ୍ୟାଗ କଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ
ସୈନ୍ୟମାନେ ସେମାନଙ୍କ ବିରୁଦ୍ଧରେ
ଆସିଥିଲେ, ସଦାପ୍ରଭୁ କି
ସେମାନଙ୍କୁ ମଧ୍ୟ ପରାସ୍ତ
କରି ନିର୍ବାସିତ କରିବେ ।

ଲୋକମାନେ ସେମାନଙ୍କ ପ୍ରତିମାଗଣ ଉପରେ ନିର୍ଭର କଲେ । ସେହି ପ୍ରତିମାଗଣ କି ସେମାନଙ୍କୁ ତାଙ୍କ ଶତ୍ରୁ ହସ୍ତରୁ ରକ୍ଷା କରି ପାରିବେ, କାଦାପି ନୁହେଁ, କେବଳ ସଦାପ୍ରଭୁ ସେମାନଙ୍କୁ ରକ୍ଷା କରି ପାରନ୍ତି । ଲୋକମାନେ ଯିରମିୟଙ୍କ ଉପରେ ଅତି କ୍ରୋଧ କଲେ, ସେମାନେ ଯିରମିୟଙ୍କୁ ହତ୍ୟା କରିବାକୁ ସୁଧା ଯୋଜନା କଲେ, ମାତ୍ର ସଦାପ୍ରଭୁ ତାଙ୍କ ଦାସକୁ ରକ୍ଷା କଲେ ।





ପରିଶେଷରେ, ସଦାପ୍ରଭୁ କିଛି ଏପରି କହିଲେ ଯାହା ଯିରିମିୟଙ୍କୁ ବ୍ୟତିବ୍ୟସ୍ତ କଲା । ସଦାପ୍ରଭୁ କହିଲେ, ଏହି ଲୋକମାନଙ୍କ ନିମନ୍ତେ ପୁନର୍ବାର ପ୍ରାର୍ଥନା କରନାହିଁ । ଯେତେବେଳେ ସେମାନେ ସହାଯ୍ୟ ନିମନ୍ତେ କ୍ରନ୍ଦନ କରିବେ ଆମ୍ଭେ ସେମାନଙ୍କର ଶୁଣିବା ନାହିଁ ।



ଯିରିମିୟ ରାଜାଙ୍କୁ ସାବଧାନ କରି କହିଲେ ସେ ବାବିଲର ସୈନ୍ୟଦଳ ସହିତ ଯୁଦ୍ଧରେ ପରାଜୀତ ହେବେ । ରାଜା ଯିରିମିୟଙ୍କ ଉପରେ କ୍ରୋଧ କଲେ, ଓ ଯିରିମିୟଙ୍କୁ କାରାଗାରରେ ନିକ୍ଷେପ କଲେ, କାରାଗାରରେ ମଧ୍ୟ ଯିରିମିୟ ପ୍ରଚାର ଓ ସଦାପ୍ରଭୁଙ୍କୁ ଭରଷା କଲେ ।



ଯିରିମିୟ କାରାଗାରରୁ
ମୁକ୍ତ ହେଲା ପରେ ପୁନର୍ବାର
ରାଜାଙ୍କୁ ପ୍ରଚାର କରି କହିଲେ
ତୁମ୍ଭେମାନେ ନିଶ୍ଚିତଭାବରେ
ପରମେଶ୍ୱରଙ୍କ
ନିକଟକୁ ଫେରି
ସଦାପ୍ରଭୁଙ୍କ ଉପରେ
ଭରଷା କର ।

ଏହିଥର, ରାଜା
ଯିରିମିୟଙ୍କୁ ଏକ
ଅନ୍ଧକାର ଗର୍ତ୍ତରେ
ନିକ୍ଷେପ କଲେ ।



ମାତ୍ର ସଦାପ୍ରଭୁ ରାଜାଙ୍କ ହୃଦୟରେ କାର୍ଯ୍ୟ ଆରମ୍ଭ କରିଥିଲେ । ପୁଣି ସେ ଗୁପ୍ତଭାବରେ ଯିରିମିୟଙ୍କୁ ସେହି ଗର୍ତ୍ତରୁ ଉଦ୍ଧାର କଲେ ଓ ପଚାରିଲେ, ତାହାକୁ କଅଣ କରିବାକୁ ହେବ? ସଦାପ୍ରଭୁ କଅଣ ଇଚ୍ଛା କରିନ୍ତି ।

ଯିରିମିୟ ଉତ୍ତର ଦେଲେ, ସଦାପ୍ରଭୁ କହନ୍ତି ବନ୍ଦୀହୋଇ ଯାଅ ସେଥିରେ ତୁମ୍ଭେ ବଞ୍ଚିବ ।



ବାବିଲର ସୈନ୍ୟମାନେ ଯିରୂଶାଲମ ଏବଂ
ସମସ୍ତ ଯିହୁଦା ଅବରୋଧ କଲେ । ସେମାନେ
ନଗରର ପ୍ରାଚୀର ଓ ଅଟାଳିକାମାନ ସବୁ
ଭାଙ୍ଗି ପକାଇ ସମସ୍ତ
ଅଗ୍ନିରେ ଦଗ୍ଧ କଲେ ।



ସଦାପ୍ରଭୁ କହିଲେ ତାଙ୍କ ଲୋକମାନେ ପ୍ରାୟ
ସତୁରି ବର୍ଷ ପର୍ଯ୍ୟନ୍ତ ନିର୍ବାସନ ଦଣ୍ଡ ଭୋଗିବେ,
ମାତ୍ର ପରେ ସେ ପୁନର୍ବାର ସେମାନଙ୍କୁ
ଫେରାଇ ପ୍ରତିଜ୍ଞାତ
ଦେଶକୁ ଆଣିବେ ।



ଯିରିମୟ, ବିଷାଦ ମନୁଷ୍ୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯିରିମିୟ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬